# କର୍ମପତ୍ରିକାରେ
## (Worksheet)

୧. ସଂକ୍ଷିପ୍ତ ଉତ୍ତର ଲେଖ ।

(କ) ଶ୍ରୀକୃଷ୍ଣ ବଣରୁ ଫେରିବା ଡେରି ହେବାରୁ ମାତା ଯଶୋଦା କିପରି ଆଶଙ୍କିତ ହୋଇଛନ୍ତି ?

ଉ→ ଶ୍ରୀକୃଷ୍ଣ ପ୍ରତିଦିନ ଗାଈ ଚରାଇବାପାଇଁ ବଣକୁ ଯାଆନ୍ତି । ଶ୍ରୀକୃଷ୍ଣ ନିଜ ସହିତ କଠଉ ଓ ଛତା ନନେଇଥିବାରୁ ଯଶୋଦାଙ୍କର ମା' ମନ ନାନା ପ୍ରକାରର ଆଶଙ୍କାରେ ଆଶଙ୍କିତ ହୋଇପଡ଼ିଛି । ସେ ଭାବିଛନ୍ତି ଯେ ଛତା ନନେଇଥିବାରୁ ତାଙ୍କ ଦେହରୁ ଶ୍ରମଜଳ ବୋହିପଡୁଥିବ । ଖରାର ତାପକୁ ସହି ନ ପାରି ସେ କୌଣସି ବୃକ୍ଷ ତଳେ ଆଶ୍ରୟ ନେଇଥିବେ । କଠଉ ନ ନେଇଥିବାରୁ ତାଙ୍କର ମୃଦୁ ପାଦରେ କଣ୍ଟା

ଫୁଟି ରହୁ ଝରିପଡୁଥିବ । ଯଶୋଦା ହୃଦୟରେ ବଗ
ରେ ଚାଳିନୀ ଏବଂ ନିଶାଚରମାନଙ୍କର ଉପଦ୍ରବ
ହେଉଥିବ । ଏହିପରି ଭାବରେ ଯଶୋଦାଙ୍କ
ମନ ବିଚଳିତ ହେଉଛି ।

(ଘ) ହରିଚନ୍ଦନ ଶ୍ରୀକୃଷ୍ଣଙ୍କୁ କାହିଁକି କୁହାଯାଉଛି ?

ଉ→ ହରିଚନ୍ଦନ ହେଉଛି ଦେବଯୋଗ୍ୟ ସୁବାସିତ ଶ୍ୱେତ
ଚନ୍ଦନ । ଗ୍ରୀଷ୍ମକାଳରେ ଶରୀରକୁ ଶୀତଳତା ପ୍ର
ଦାନ କରିବାପାଇଁ ଚନ୍ଦନ ଲଗାଯାଏ ଯାହାକି
ହୃଦୟର ସକଳ ସନ୍ତାପ, ଦୁଃଖ, ତାପ ଓ ଦହନ
କୁ ଶାନ୍ତ କରେ । ଯଶୋଦାଙ୍କ ଜୀବନର କୃଷ୍ଣ
ଥିଲେ ବାର୍ଦ୍ଧକ୍ୟର ଏକମାତ୍ର ସମ୍ବଳ, ଜୀବନର
ସର୍ବସ୍ୱ । ଯେତେବେଳେ ସେ କୃଷ୍ଣଙ୍କୁ ହୃଦୟରେ
ଲଗାଇ ଆଲିଙ୍ଗନ କରନ୍ତି, ତାଙ୍କ ହୃଦୟର

ସକଳ ଦୁଃଖ, ସନ୍ତାପ ଦୂରୀଭୂତ ହୋଇଯାଏ କ୍ଷଣକ ପାଇଁ ପାଖରୁ ଅନ୍ତର ହେଲେ ଭୟ ଓ ଆଶଙ୍କାରେ ତାଙ୍କ ମନରେ ବ୍ୟାକୁଳତା ଭରିଯାଏ ଏବଂ କୋଳକୁ ଫେରିଆସିଲେ ସେ ପରମ ସୁଖ ଅନୁଭବ କରନ୍ତି । ତେଣୁ ସେ କୃଷ୍ଣଙ୍କୁ ସୁଧତାପ ବିନାଶନ ହରିଚନ୍ଦନ ବୋଲି କହିଛନ୍ତି ।

(ଗ) ଶ୍ରୀକୃଷ୍ଣ କିପରି ଯଶୋଦାଙ୍କ ସୁଖର କାରଣ ଥିଲେ ?

ଉ→ ବୃଦ୍ଧ ବୟସରେ ଶ୍ରୀକୃଷ୍ଣଙ୍କ ପରି ସନ୍ତାନ ଯଶୋଦାଙ୍କ ଜୀବନର ସର୍ବସ୍ୱ ଏବଂ ଏକମାତ୍ର ସମ୍ବଳ ଥିଲେ । ତାଙ୍କ ପାଇଁ କୃଷ୍ଣ ଥିଲେ ନୟନ ପ୍ରତିମା ସଦୃଶ । କ୍ଷଣକ ପାଇଁ କୃଷ୍ଣ ପାଖରୁ

ଅନ୍ତରେ ହେଲେ ସେ ବିଳାପ କରି ରହୁଥିଲେ। କୃଷ୍ଣ ତାଙ୍କ ପାଇଁ ଅନ୍ଧର ଲଉଡ଼ି ଓ ଦରିଦ୍ରର ଧନ ପରି ଥିଲେ। ଅର୍ଥାତ୍ କୃଷ୍ଣ କିନ୍ତୁ ତାଙ୍କ କାରଣ ନ ମାନି ଗୋଚାରଣରେ ବନକୁ ଚାଲି ଯାଉଥିଲେ। ଜୀବର ଜୀବନ ତଥା ହୃଦୟର ନିହାରା ସମ୍ପତ୍ତି କୃଷ୍ଣ ତାଙ୍କ ଜୀବନର ସମସ୍ତ ସୁଖର କାରଣ ଥିଲେ। ତାଙ୍କ ଚନ୍ଦ୍ରବଦନ ଦର୍ଶନରେ ମା' ପାଉଥିଲେ ଅସୀମ ଆନନ୍ଦ। ଜୀବନର ସମସ୍ତ ଦୁଃଖ ପାସୋରି ସେ ତାଙ୍କୁ କୋଳେଇ ନେଉଥିଲେ।

(ଘ) 'ଅନ୍ଧର ଲଉଡ଼ି' ଶ୍ରୀକୃଷ୍ଣଙ୍କୁ କାହିଁକି କୁହାଯାଇଛି ?

ଉ→ ଅନ୍ଧ ଦୃଷ୍ଟିହୀନ ହେବାରୁ ସେ ବାଟ ଖୋଜିବା

ପାଲେଁ ନିଜର ବାଡ଼ିର ବ୍ୟବହାର କରିଥାଏ ।
ଲଉଡ଼ି ବିନା ସେ ଚଳିବା ଅସମ୍ଭବ । ସେହିପ
ରି ଶ୍ରୀକୃଷ୍ଣ ହେଉଛନ୍ତି ମାତା ଯଶୋଦାଙ୍କର
ଅନ୍ଧର ଲଉଡ଼ି ସଦୃଶ । ଶ୍ରୀକୃଷ୍ଣଙ୍କ ବିନା ମା
ତା ଯଶୋଦାଙ୍କର ସୁଖର କଳ୍ପନା ଅସମ୍ଭବ ।
ଶ୍ରୀକୃଷ୍ଣଙ୍କ ବିନା ମାତା ଯଶୋଦାଙ୍କର ଅବସ୍ଥା
ଅନ୍ଧ ଭଳି । ତେଣୁ ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କର
'ଅନ୍ଧର ଲଉଡ଼ି' ବୋଲି କୁହାଯାଉଛି ।

(ଙ) କିଏ ନିଜକୁ ଡାକିନି ବୋଲି କହିଛନ୍ତି ? ଏବଂ
କାହିଁକି ?

ଉ: ଯଶୋଦାଙ୍କ ବୃଦ୍ଧାବସ୍ଥାରେ ଶ୍ରୀକୃଷ୍ଣ ଏକମାତ୍ର
ସନ୍ତାନ ହୋଇଥିବାରୁ ସେ କ୍ଷଣମାତ୍ର ପାଖରୁ
ଛାଡ଼ିବାକୁ ଇଚ୍ଛା କରୁନଥିଲେ । ~~କଠୋର~~ ନ

ଅଧିକାରୁ ନିତ୍ୟ କୃଷ୍ଣ ଗୋଚାରଣାରେ ଯିବାକୁ ଜି
ଦ୍ କରୁଥିଲେ । ବନରୁ ଫେରିବାରେ ବିଳମ୍ବ
ହେବାରୁ ଯଶୋଦା ବ୍ୟସ୍ତ ଓ ବିବ୍ରତ ହୋଇ ନିଜ
କୁ ଡଙ୍କୁଣୀ ବୋଲି କହି ଅନୁତାପ କରୁଥିଲେ ।

୭. ସରଳାର୍ଥ ଲେଖ ।

ଝାଳ ବହୁଥିବ.................ବସିଥିବୁ ଘର।

ଉକ୍ତ ପଦ୍ୟାଂଶଟି ଆମ ପଠିତ ସାହିତ୍ୟ ବହିର କବି "ଅଭିମନ୍ୟୁ ସାମନ୍ତସିଂହାର"ଙ୍କ ଦ୍ୱାରା ରଚିତ "କଳାମାଣିକରେ" କବିତାରୁ ଆସିଅଛି । ଏଠାରେ କବି ମାତା ଯଶୋଦାଙ୍କର ବ୍ୟାକୁଳତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ।

~~ସ୍ନେହମୟୀ ମାତା ଯଶୋଦାଙ୍କର~~

ଶ୍ରୀକୃଷ୍ଣ ପ୍ରତିଦିନ ଗୋଚାରଣା କି

ଓ

ମିତ୍ର ବନକୁ ଯାଆନ୍ତି । ସେ ନିଜ ସହିତ କଠଉର
ଓ ଛତା ନେଇକି ଯାଆନ୍ତି । କିନ୍ତୁ ସେଦିନ ସେସ
ବୁ ନେବାକୁ ଭୁଲି ~~ଯାଆନ୍ତି~~ ଯାଇଛନ୍ତି । ସେଥି
ପାଇଁ ମାତା ଯଶୋଦା ନାନା ପ୍ରକାର ଆଶ
ଙ୍କାରେ ଆତଙ୍କିତ ହୋଇପଡ଼ିଛନ୍ତି । ସେ ଭାବି
ଛନ୍ତି ଯେ ଛତା ନ ନେଇଥିବାରୁ ଶ୍ରୀକୃଷ୍ଣଙ୍କର
ଶ୍ରୀ ଅଙ୍ଗରୁ ଝାଳ ବହିଯାଉଥିବ । ଖାଲି ଖରା
ଯୋଗୁଁ ଶ୍ରୀକୃଷ୍ଣ କୌଣସି ବୃକ୍ଷ ତଳେ ଆଶ୍ର
ୟ ନେଇଥିବେ । କଠଉର ନ ନେଇଥିବାରୁ ତା
ଙ୍କ ପାଦରେ କଣ୍ଟା ଫୁଟି ରକ୍ତ ଝରିଯାଉ
ଥିବ । ସେଥିପାଇଁ ବୋଧହୁଏ ଘରକୁ ଫେ
ରିବାରେ ବିଳମ୍ବ ହୋଇ ହେଉଥିବ । ଏଠାରେ
କବିଙ୍କର ବର୍ଣ୍ଣନାଟି ସୁନ୍ଦର ହୋଇଛି ।

୮· ସଠିକ୍ ଉତ୍ତରରେ (✓) ଲଗାଅ ।

(କ) ଅଭିମନ୍ୟୁ ସାମନ୍ତସିଂହାର କେଉଁ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ ?

ଉ→ (ii) ଯାଜପୁର

(ଖ) ଶ୍ରୀକୃଷ୍ଣଙ୍କ ବଂଶୀ ସ୍ୱନକୁ କିଏ କାନ ଡେରି ଥାଆନ୍ତି ?

ଉ→ (iii) ଯଶୋଦା

(ଗ) କେଉଁ ଭାବକୁ ନେଇ ମାତା ଯଶୋଦା ଭାଳି ହେଉଛନ୍ତି ?

ଉ→ (iv) ବାତ୍ସଲ୍ୟଭାବ

(ଘ) ନିଶାରେ ମାତିବାର ଶବ୍ଦଟି

ଉ→ (i) ଶ୍ରୁଚିକି

(ଙ) ସଙ୍ଖାଳି - ଅର୍ଥ ଲେଖ

ଉ:- ~~ପ୍ର~~ (iii) ପ୍ରାଣୟନ

୧. ତୁମ ମାଆଙ୍କ ବିଷୟରେ ଲେଖ ।

## ମୋ ମାଆ

'ମା' ଶବ୍ଦଟି ପୃଥିବୀର ସବୁଠାରୁ ମଧୁରତମ ଶବ୍ଦ ଅଟେ । ମା' ପୃଥିବୀ ପରି ସହନଶୀଳ ଓ ସ୍ନେହଶୀଳ । ମା'ର ମମତା ସାରା ଜୀବନ ଆମକୁ ବାନ୍ଧିରେ ରଖିଛି । ପିତା ଓ ମାତା ଆମ ପାଇଁ ହେଲେ ଦେବତା । ମୋ ମା' ମୋ ପାଇଁ ଦୁନିଆର ସବୁଠାରୁ ସୁନ୍ଦର ବ୍ୟକ୍ତି । ମୋ ଜୀବନରେ ମୋ ମା'ଙ୍କ ସ୍ଥାନ ସବୁଠାରୁ ଉଚ୍ଚରେ । ମୋର ନିତିଦିନିଆ ଜୀବନରେ ମୋ ମା'ଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସକାଳୁ ଉଠି ସେ ଗାଧୋଇ ସାରି ଠାକୁର ପୂଜା କରନ୍ତି । ଏହାପରେ

ସେ ସମସ୍ତଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କରନ୍ତି ।
ସେ ମୋତେ ସ୍କୁଲ୍ ନେବା ଆଣିବା କରନ୍ତି । ସେ
ମୋତେ ପାଠପଢ଼ାରେ ଦିଅନ୍ତି । ଦୈନିକ ଦିନଚର୍ଯ୍ୟା
ରୁ ସେ ~~ଦେହ ଅସୁସ୍ଥ ହେଲେ~~ ମୋ ପାଇଁ ସମ
ୟ କାଢ଼ି ମୋର ପାଠ ପଢ଼ିବାର କାର୍ଯ୍ୟ ସୂଚୀ
ପ୍ରସ୍ତୁତ କରନ୍ତି । ମୋର ଦେହ ଅସୁସ୍ଥ ହେଲେ
ସେ ମୋ ପାଖରେ ଜଗି ବସନ୍ତି । ମୁଁ ଯଦି
କୌଣସି ଭୁଲ୍ କରେ ତେବେ ମୋ ଖୁବ୍ ରା
ଗନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେ ମୋତେ
ଖୁବ୍ ବୁଝାନ୍ତି । ସେ ମୋତେ ଗାଳି ଦେଲେ ମଧ୍ୟ
ତାଙ୍କ ଗାଳି ମୋ ପାଇଁ ଆଶୀର୍ବାଦ ସଦୃଶ ।
ସେ ~~ସର୍ବେ~~ ସବୁବେଳେ ମୋ ଭଲପାଇଁ ଚେଷ୍ଟା
କରନ୍ତି । ମୋ ଜୀବନର ସବୁ ଭଲମନ୍ଦ ମୁଁ ମୋ

ମା'ଙ୍କ ସହ ବାନ୍ଧେ । ସେ ମୋ ~~ପାଇଁ ପୂଜି~~
~~ନୀୟା ।~~ [illegible] ସୁଖ-ଦୁଃଖର ସାଥି । ସେ ମୋ
ତେ ସର୍ବଦା ଉଚିତ୍ ମାର୍ଗଦର୍ଶନ ଦିଅନ୍ତି । ସେ
ମୋର ତଥା ପୁରା ପରିବାରର ଯତ୍ନ ନିଅନ୍ତି ।
ସେ ମୋ ପାଇଁ ପୂଜନୀୟା । ମୁଁ ତାଙ୍କର ପୁ
ତ୍ର ଭାବରେ ମୋର କର୍ତ୍ତବ୍ୟ ପାଳନ କରିବି ।
ମୁଁ ତାଙ୍କୁ ସର୍ବଦା ସମ୍ମାନ କରେ ଓ ତାଙ୍କର
ସେବା କରିବା ମୋ ଜୀବନର ପ୍ରଥମ କର୍ତ୍ତବ୍ୟ
ବାସ୍ତବିକ୍ ମା' ପାଖରେ ମୁଁ ସର୍ବଦା ଋଣୀ ।